# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 09th September – 2026

**********************************

## ମୁଖ୍ୟ ସମ୍ବାଦ

- ୧୦ ହଜାର ୭୮୩ କୋଟି ଟଙ୍କା ବ୍ୟୟରେ ୩ଟି ରେଳପ୍ରକଳ୍ପକୁ କ୍ୟାବିନେଟ୍‌ର ମଞ୍ଜୁରି ।

— ଖଡଗପୁର-ଝାରସୁଗୁଡ଼ା ୪ ଲେନ୍ ବିଶିଷ୍ଟ ରେଳଲାଇନକୁ ମିଳିଲା ଅନୁମୋଦନ ।

- ଓଡ଼ିଶା ଓ ସଂଯୁକ୍ତ ଆରବ ଏମିରେଟ୍‌ସ ମଧ୍ୟରେ ବାଣିଜ୍ୟ, ରପ୍ତାନୀ ଓ ବ୍ୟାବସାୟିକ ସହଯୋଗ ବୃଦ୍ଧି ଉପରେ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ।

- ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ନିକଟରେ କର୍କଟ ରୋଗର ଉତ୍ତମ ଚିକିତ୍ସା ସେବା ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ; କହିଲେ ସ୍ୱାସ୍ଥ୍ୟମନ୍ତ୍ରୀ ।

ଏବଂ

- ବଙ୍ଗୋପସାଗରରେ ଆସନ୍ତା ଶୁକ୍ରବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ସମ୍ଭାବନା ।

— ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ନେଇ ୧୧ଟି ଜିଲ୍ଲାକୁ ସତର୍କ ସୂଚନା ।

*Desk*

# କେନ୍ଦ୍ର କ୍ୟାବିନେଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅର୍ଥନୈତିକ ବ୍ୟାପାର କ୍ୟାବିନେଟ୍ କମିଟି ଆଜି ୧୦ ହଜାର ୭୮୩ କୋଟି ଟଙ୍କା ବ୍ୟୟରେ ୩ଟି ରେଳ ପ୍ରକଳ୍ପକୁ ମଞ୍ଜୁରି ପ୍ରଦାନ କରିଛି । ୪ ଲେନ୍ ବିଶିଷ୍ଟ ଅଧିକ ରେଳ ଚଳାଚଳ କରୁଥିବା ୭ଟି ରେଳ ନେଟ୍‌ୱାର୍କକୁ ମଧ୍ୟ କ୍ୟାବିନେଟ୍‌ରେ ଅନୁମୋଦନ କରାଯାଇଛି । ଏଥିରେ ଦିଲ୍ଲୀରୁ ମୁମ୍ବାଇ, ମୁମ୍ବାଇରୁ ଚେନ୍ନାଇ, ଚେନ୍ନାଇରୁ କୋଲ୍‌କାତା ଏବଂ କୋଲ୍‌କାତାରୁ ଦିଲ୍ଲୀ ପ୍ରକଳ୍ପ ରହିଛି । କ୍ୟାବିନେଟ୍ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଏହି ୭ଟି କରିଡର୍‌ରେ ରେଳବାଇର ପ୍ରାୟ ୪୦ ପ୍ରତିଶତ ଯାତାୟତ ହୋଇଥାଏ ଏବଂ ପ୍ରାୟ ୨ ହଜାର କିଲୋମିଟର ୪ ଲେନ୍ ବିଶିଷ୍ଟ କାର୍ଯ୍ୟ ଶେଷ ହୋଇଛି ।

***Voice (Ashwini Baishnav)*** :..........

ଶ୍ରୀ ବୈଷ୍ଣବ କହିଛନ୍ତି, କ୍ୟାବିନେଟ୍ ଖଡ଼ଗପୁର-ଝାରସୁଗୁଡ଼ା ଚତୁର୍ଥ ଲାଇନ୍, କାଟନୀରୁ ପେଣ୍ଡ୍ରା ରୋଡ୍ ଚତୁର୍ଥ ଲାଇନ୍ ଏବଂ ବିଳାସପୁରରୁ ପେଣ୍ଡ୍ରାରୋଡ୍ ତୃତୀୟ ଲାଇନ୍‌କୁ ମଞ୍ଜୁରି ପ୍ରଦାନ କରିଛି । ପଶ୍ଚିମବଙ୍ଗ, ଓଡ଼ିଶା, ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ଛତିଶଗଡ଼ପାଇଁ ୩ଟି ପ୍ରକଳ୍ପକୁ ଅନୁମୋଦନ ମିଳିଛି । ଏହାଦ୍ୱାରା ୫ଟି ରାଜ୍ୟର ୧୪ଟି ଜିଲ୍ଲାର ପ୍ରାୟ ୫୬ ଲକ୍ଷ ଲୋକ

ଉପକୃତ ହେବେ । ଏହି ପ୍ରକଳ୍ପଗୁଡ଼ିକ ଭାରତୀୟ ରେଳବାଇ ନେଟ୍‌ୱାର୍କକୁ ୬୫୬ କିଲୋମଟର ବୃଦ୍ଧି କରିବ ।

***Voice (Ashwini Baishnav)*** :..........

ଖଡ଼ଗପୁର-ଝାରସୁଗୁଡ଼ା ମଧ୍ୟରେ ୩୬୭ କିଲୋମିଟର ବିଶିଷ୍ଟ ଚତୁର୍ଥ ରେଳଲାଇନ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି । ପ୍ରାୟ ୬ ହଜାର ୫୨୮ କୋଟି ଟଙ୍କାର ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ଓଡ଼ିଶାର ସୁନ୍ଦରଗଡ଼, ସମ୍ବଲପୁର ଓ ଝାରସୁଗୁଡ଼ା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ମୋଟ୍ ୮ଟି ଜିଲ୍ଲାକୁ ସଂଯୋଗ କରିବ । ଏହି ନୂଆ ରେଳଲାଇନ୍‌ଦ୍ୱାରା ରେଳ ଭିତ୍ତିଭୂମି ସୁଦୃଢ଼ ହେବା ସହ ଶିଳ୍ପ ଓ ବ୍ୟବସାୟର ବିକାଶ ହେବ । ପରିବହନ ଖର୍ଚ୍ଚରେ ବାର୍ଷିକ ୯୬୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସଞ୍ଚୟ ହେବା ସହ ପରିବେଶ ସୁରକ୍ଷାରେ ମଧ୍ୟ ବିଶେଷ ସହାୟକ କହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

***Desk***

## ମୁଖ୍ୟମନ୍ତ୍ରୀ - ୟୁ.ଏ.ଇ.

ସଂଯୁକ୍ତ ଆରବ ଏମିରେଟ୍‌ସ୍-ୟୁ.ଏଇ.ଇ. ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଇଣ୍ଡିଆନ୍ ବିଜିନେସ୍ ଆଣ୍ଡ ପ୍ରଫେସନାଲ୍ ଗ୍ରୁପ୍ -

ଆଇ.ବି.ପି.ଜି.ଙ୍କ ସହ ଏକ ଗୋଲ୍‌ଟେବୁଲ୍ ବୈଠକରେ ଯୋଗ ଦେଇଛନ୍ତି । ଓଡ଼ିଶା ଏବଂ ୟୁ.ଏ.ଇ. ମଧ୍ୟରେ ବାଣିଜ୍ୟ, ରପ୍ତାନୀ ଓ ବ୍ୟାବସାୟିକ ସହଯୋଗ ବୃଦ୍ଧି ଉପରେ ଏହି ବୈଠକରେ ଆଲୋଚନା ହୋଇଛି । ହଳଦୀ, ଅଦା, ସାମୁଦ୍ରିକ ଖାଦ୍ୟ, ଖାଦ୍ୟ ପ୍ରକ୍ରିୟାକରଣ ଓ ପ୍ରମୁଖ ୟୁ.ଏ.ଇ. ବ୍ରାଣ୍ଡ୍‌ଗୁଡ଼ିକପାଇଁ ରାଜ୍ୟର ଦକ୍ଷ ମାନବ ସମ୍ବଳ ଉପଯୋଗ ସମ୍ପର୍କରେ ଆଲୋଚନା ହୋଇଛି । ବୈଠକରେ ରୁଚି, ଫାର୍ମ-ବି, ବି-ଓ୍ୱାନ୍, ଓରିକ୍ଲିନ୍ ଭଳି କମ୍ପାନୀ ସମେତ ଆଇ.ବି.ପି.ଜି.ର ସଭାପତି ରାଜିବ ଶାହା ଯୋଗ ଦେଇଛନ୍ତି ।

***Desk***

# କର୍କଟ ଚିକିତ୍ସା

ରାଜ୍ୟରେ କର୍କଟ ରୋଗ ଚିକିତ୍ସା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ନେଇ ଆଜି ଭୁବନେଶ୍ୱରଠାରେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ୍‌ଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶ୍ରୀ ମହାଲିଙ୍ଗ୍’ କର୍କଟ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ଓ ସହଜରେ ଗୁଣାତ୍ମକ ଚିକିତ୍ସା ଯୋଗାଇ ଦେବା ଉପରେ ଆଲୋଚନା କରିଛନ୍ତି । କ୍ଲୋଜିଂ ଦ କ୍ୟାନ୍‌ସର କେୟାର ଗ୍ୟାପ୍ ଲକ୍ଷ୍ୟକୁ ସାକାର କରି ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ନିକଟରେ କର୍କଟ ରୋଗର ଉତ୍ତମ ଚିକିତ୍ସା ସେବା ପହଞ୍ଚାଇବା ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶାରେ କର୍କଟ ରୋଗର ନିରାକରଣ ଓ ଉନ୍ନତ ଚିକିତ୍ସା ସେବାକୁ ଗୁରୁତ୍ୱ ଦିଆଯାଉଛି । ରାଜ୍ୟରେ ଆୟୁଷ୍ମାନ ଯୋଜନା ଅଧୀନରେ ୭୩ଟି ନୂତନ ରାଜ୍ୟ ପ୍ୟାକେଜ୍ ଏବଂ ପରବର୍ତ୍ତୀ ସମୟରେ ୯୧ଟି ନୂତନ କର୍କଟ ରୋଗ ଚିକିତ୍ସା ପ୍ୟାକେଜ୍‌କୁ ସାମିଲ୍ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି । ଏଥିସହିତ ୩୧୧ କୋଟି ଟଙ୍କା ବ୍ୟୟ ବରାଦରେ ମୁଖ୍ୟମନ୍ତ୍ରୀ କ୍ୟାନ୍‌ସର କେୟାର ଯୋଜନା ଆରମ୍ଭ କରାଯିବା ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୩୨ଟି କେମୋ ଥେରାପି ସେଣ୍ଟର ସ୍ଥାପନ କରାଯାଇଛି । ସମୟୋପଯୋଗୀ ସ୍କ୍ରିନିଂ ଓ ପ୍ରାଥମିକ ଚିହ୍ନଟ କର୍କଟ ବିରୋଧୀ ଲଢ଼େଇର ପ୍ରଥମ ପଦକ୍ଷେପ । ଏହାକୁ ସଫଳ କରିବା ନିମନ୍ତେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ୍ କହିଛନ୍ତି ।

***Desk***

# କୃଷ୍ଣ ବଳରାମ ବେଶ

ଭାଦ୍ରବ କୃଷ୍ଣ ତ୍ରୟୋଦଶ ତିଥିରେ ଆଜି ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ନୀତି ପରେ ରତ୍ନସିଂହାସନରେ ଶ୍ରୀଜୀଉଙ୍କର କୃଷ୍ଣ ବଳରାମ ବେଶ ଅନୁଷ୍ଠିତ ହୋଇଛି । ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀକୃଷ୍ଣ ବେଶରେ, ବଡ଼ଠାକୁର ବଳଭଦ୍ର ବଳରାମ ଓ ଦେବୀ ସୁଭଦ୍ରା ଭଗିନୀ ରୂପରେ ଶୋଭା ପାଉଛନ୍ତି । ବର୍ଷକୁ ଥରେ ଆଜିର ଦିନରେ ଦେବୀ ସୁଭଦ୍ରା ଚାରିଭୁଜ ଧାରଣ କରିଥାନ୍ତି ।

ମହାପ୍ରଭୁଙ୍କୁ ଏହି ବେଶରେ ଖିରି ଓ ଅମାଲୁ ଭୋଗ ଅର୍ପଣ କରାଯିବାର ବିଧି ରହିଛି ।

***Ganjam/R***

# ବରିଷ୍ଠ ନାଗରିକ ତୀର୍ଥଯାତ୍ରା

ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ଏବଂ ଆର.ଆଇ.ସି.ଟି.ସି. ସହଯୋଗରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ତୀର୍ଥଯାତ୍ରା ଆସନ୍ତା ୧୧ ତାରିଖରେ ବ୍ରହ୍ମପୁରରୁ ଆରମ୍ଭ ହେବ । ଏଥିରେ ଗଞ୍ଜାମ, ଗଜପତି, କନ୍ଧମାଳ, ବୌଦ୍ଧ ଏବଂ ନୟାଗଡ଼ରୁ ୭୭୫ ଜଣ ବରିଷ୍ଠ ନାଗରିକ ଅଂଶଗ୍ରହଣ କରିବେ । ସେପ୍ଟେମ୍ବର ୧୦ ତାରିଖରେ ତୀର୍ଥଯାତ୍ରୀମାନେ ବ୍ରହ୍ମପୁରରରେ ପହଞ୍ଚିବା ପରେ ସେମାନଙ୍କର ପଞ୍ଜୀକରଣ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ୧୧ ତାରିଖରେ ବ୍ରହ୍ମପୁର ରେଳଷ୍ଟେସନରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟ ଅତିଥିମାନେ ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିବାର କାର୍ଯ୍ୟସୂଚୀ ରହିଛି । ତୀର୍ଥଯାତ୍ରୀମାନେ ସେପ୍ଟେମ୍ବର ୧୧ରୁ ୧୬ ତାରିଖ ପର୍ଯ୍ୟନ୍ତ ଅଯୋଧ୍ୟା ଓ ବାରାଣସୀର ବିଭିନ୍ନ ତୀର୍ଥସ୍ଥଳ ପର୍ଯ୍ୟଟନ କରିବେ । ଆଇ.ଆର୍.ସି.ଟି.ସି. ପକ୍ଷରୁ ତୀର୍ଥଯାତ୍ରୀଙ୍କ ପାଇଁ ଖାଦ୍ୟ ଓ ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ ।

*Kendrapada/R*

# ଏସ୍.ଆଇ.ଆର୍.

ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍.ଆଇ.ଆର୍. -୨୦୨୬ର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ସମୀକ୍ଷା ପାଇଁ ସମବାୟ ବିଭାଗର ଶାସନ ସଚିବ ତଥା ଏସ୍.ଆର୍.ଆର୍.ର ପର୍ଯ୍ୟବେକ୍ଷକ ରାଜେଶ ପ୍ରଭାକର ପାଟିଲ୍ ଆଜି କେନ୍ଦ୍ରାପଡ଼ା ଜିଲ୍ଲା ଗସ୍ତ କରିଛନ୍ତି । କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳି ଅନ୍ତର୍ଗତ ବଡ଼ ମୂଳବସନ୍ତ ଅଞ୍ଚଳର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବୁଥ୍ ପରିଦର୍ଶନ କରିଛନ୍ତି । ଏହି ଅବସରରେ ସେ ବୁଥ୍‌ସ୍ତରୀୟ ଅଧିକାରୀ, ସୁପରଭାଇଜର୍ ଓ ଏଜେଣ୍ଟମାନଙ୍କ ସହିତ ଆଲୋଚନା କରି ନିର୍ଭୁଲ୍ ଭୋଟର ତାଲିକା ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଛନ୍ତି । ପରେ ସର୍କିଟ୍ ହାଉସ୍‌ଠାରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ରଘୁରାମ ଆର୍. ଆୟାର୍‌ଙ୍କ ସମେତ ଜିଲ୍ଲାର ୫ଟି ନିର୍ବାଚନମଣ୍ଡଳିର ନିର୍ବାଚନ ପଞ୍ଜୀକରଣ ଅଧିକାରୀମାନଙ୍କ ସହ ଜିଲ୍ଲାସ୍ତରୀୟ ଅଗ୍ରଗତି ଉପରେ ସମୀକ୍ଷା କରିଛନ୍ତି ।

*Malkangiri/R*

# ସମୀକ୍ଷା ବୈଠକ

ମାଲକାନଗିରି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ମାସିକ ରାଜସ୍ୱ ଓ

ପି.ଏମ୍.ଜି. ପ୍ରଗତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାରେ ଜାରି ରହିଥିବା ବିଭିନ୍ନ ଭିତ୍ତିଭୂମି ଉନ୍ନୟନ, ଗମନାଗମନ, ପାନୀୟଜଳ ଏବଂ ଗ୍ରାମୀଣ ବିକାଶ ଯୋଜନାର ଅଗ୍ରଗତି ନେଇ ବିସ୍ତୃତ ଆଲୋଚନା କରାଯାଇଛି । ଏଥିସହ ଜିଲ୍ଲାର ଆର୍ଥିକ ସ୍ଥିତି ସୁଦୃଢ଼ କରିବାପାଇଁ ଭୂ-ରାଜସ୍ୱ, ଖଣିଜ ରାଜସ୍ୱ ଏବଂ ଅନ୍ୟାନ୍ୟ ସରକାରୀ ଟିକସ ଆଦାୟର ଲକ୍ଷ୍ୟଧାର୍ଯ୍ୟ ଉପରେ ସମୀକ୍ଷା କରାଯିବା ସହ ବକେୟା ରାଜସ୍ୱକୁ ତ୍ୱରାନ୍ୱିତ କରିବା ଉପରେ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ, ବନଖଣ୍ଡ ଅଧିକାରୀ ସାଇ କିରଣଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନକ ଅଧିକାରୀ ଉପସ୍ଥିତ ଥିଲେ ।

***Desk***

# ବିଦ୍ୟୁତ୍ ଯୋଗାଣ - ସମୀକ୍ଷା

ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ନିଆଳି ଅଞ୍ଚଳରେ ଟାଟା ପାୱାରଦ୍ୱାରା ପରିଚାଳିତ ବିଦ୍ୟୁତ ସଞ୍ଚାରଣ ବ୍ୟବସ୍ଥା ଓ ସେବା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଓ ସମସ୍ୟାର ସ୍ଥାୟୀ ସମାଧାନ ଉପରେ ଗୁରୁତ୍ୱ ଦେଇ ଉପମୁଖ୍ୟମନ୍ତ୍ରୀ ସମସ୍ତ ଭିତ୍ତିଭୂମି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମଗ୍ର ଅଞ୍ଚଳରେ ପ୍ରମୁଖ ୩୩

କେ.ଭି. ବିଦ୍ୟୁତ୍ ସଞ୍ଚାରଣ ଲାଇନ୍ ନେଟ୍‌ୱାର୍କର ନିରନ୍ତର ବିଦ୍ୟୁତ ଯୋଗାଣ ଓ କ୍ଷମତା ବୃଦ୍ଧି ଉପରେ ପ୍ରାଥମିକତା ଦେବାକୁ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି । ସର୍ଟ୍ ସର୍କିଟ୍ ଓ ଅପ୍ରତ୍ୟାଶିତ ବିଦ୍ୟୁତ୍ କାଟ ରୋକିବାପାଇଁ ସ୍ୱତନ୍ତ୍ର ରକ୍ଷଣାବେକ୍ଷଣ ଆରମ୍ଭ କରିବାକୁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି ।

***Kalahandi/R***

# ବେଟି ବଚାଓ ବେଟି ପଢ଼ାଓ

କଳାହାଣ୍ଡି ଜିଲ୍ଲା ଭବାନିପାଟଣାସ୍ଥିତ ପରିସଂଖ୍ୟାନ ସଭାଗୃହରେ ବାଳିକାଙ୍କ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ ଓ ସଶକ୍ତୀକରଣ ଆଦି ବିଭିନ୍ନ ବିଷୟକୁ ନେଇ ବେଟି ବଚାଓ ବେଟି ପଢ଼ାଓ ଅଭିଯାନର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟକ୍ରମରେ ଯୋଗଦେଇ ବାଳିକାଙ୍କ ସୁରକ୍ଷା, ଶିକ୍ଷା ଓ ସର୍ବାଙ୍ଗୀନ ବିକାଶପାଇଁ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ବାଳିକା ଶିକ୍ଷାକୁ ପ୍ରୋତ୍ସାହନ, ବାଲ୍ୟବିବାହ ନିରୋଧ, ସୁରକ୍ଷା ଏବଂ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ ।

*Desk*

# ପାଣିପାଗ

ବଙ୍ଗୋପସାଗରରେ ଆସନ୍ତା ଶୁକ୍ରବାର ସୁଦ୍ଧା ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଉପକୂଳବର୍ତ୍ତୀ ଜିଲ୍ଲା ସମେତ କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହେବା ବୋଲି ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ୧୧ଟି ଜିଲ୍ଲା ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆଗାମୀ ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି । ଏହି ସମୟ ମଧ୍ୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି ।

******